# ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀ

**ବିଜ୍ଞାପନ ସଂଖ୍ୟା ୧୧୮୧ ତାରିଖ ୧୦/୨/୨୦୨୦**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ଶ୍ରୀ ଲୋକନାଥ ମନ୍ଦିରର ଶାନ୍ତି ଶୃଙ୍ଖଳା ତଥା ପ୍ରକାରନ୍ତରେ ମନ୍ଦିରର ଉନ୍ନତି କଳ୍ପେ ଶ୍ରୀ ଶ୍ରୀ ଲୋକନାଥ ଦେବ, ପୁରୀଙ୍କ ମନ୍ଦିରର ଦୀପ, ଧୂପ ଓ ଫୁଲ ଦୋକାନ, ଜୋତା ଷ୍ଟାଣ୍ଡ, ଜାଗର ପଡିଆ ଓ ବଗାୟତ ପୃଥକ ପୃଥକ ଭାବେ ବର୍ଷିକିଆ ଟେଣ୍ଡର ଆହ୍ୱାନ କରାଯାଉଅଛି । ଏଥି ପାଇଁ ସର୍ବନିମ୍ନ ଟେଣ୍ଡର ରାଶି ନିମ୍ନ ମତେ ଧାର୍ଯ୍ୟ କରାଯାଇଅଛି । ଟେଣ୍ଡରର ଅବଧି ୨୦୨୦ ମସିହା ପଙ୍କଉଦ୍ଧାର ଏକାଦଶୀର ପୂର୍ବ ଦୁଇ ଦିନ ଠାରୁ ୨୦୨୧ ମସିହା ପଙ୍କଉଦ୍ଧାର ଏକାଦଶୀର ପାଞ୍ଚ ଦିନ ପୂର୍ବ ପର୍ଯ୍ୟନ୍ତ ବଳବତ୍ତର ରହିବ । ତେଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ, ଯେଉଁମାନେ ଟେଣ୍ଡର ନେବାପାଇଁ ଆଗ୍ରହ ପ୍ରକାଶ କରୁଅଛନ୍ତି ସେମାନେ ନିମ୍ନ ମତେ ନିଜର ଟେଣ୍ଡର ରାଶି ନିର୍ଦ୍ଧାରିତ ଟେଣ୍ଡର କାଗଜରେ ଲିପିବଦ୍ଧ କରି ଜଉମୁଦଦିଆ ଲଫାପାରେ ଉପ-ଜିଲ୍ଲାପାଳ, ପୁରୀଙ୍କ ଠିକଣାରେ ସ୍ପୀଡ ପୋଷ୍ଟ ବା ରେଜିଷ୍ଟ୍ରୀ ପୋଷ୍ଟ ଡାକ ଯୋଗେ ଅଥବା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଧିଷ୍ଟ ଥିବା ଜଉମୁଦ ବାକ୍ସରେ ଏହି ବିଜ୍ଞାପନ ପ୍ରକାଶନ ତାରିଖ ଠାରୁ ୫ ଦିନ ମଧ୍ୟରେ ଅର୍ଥାତ ତା ୧୧.୦୨.୨୦୨୦ ରିଖ ଠାରୁ ତା ୧୫.୦୨.୨୦୨୦ ରିଖ ଅପରାହ୍ନ ୩ ଘଟିକା ମଧ୍ୟରେ ଟେଣ୍ଡର ପକାଇପାରିବେ । ଟେଣ୍ଡର ପକାଇବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ୫୦୦/- (ପାଞ୍ଚଶହ) ଟଙ୍କା ଦାଖଲ କରି ନିର୍ଦ୍ଧାରିତ ଟେଣ୍ଡର କାଗଜ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନାଜିରଙ୍କ ପାଖରୁ କ୍ରୟ କରିପାରିବେ । ଟେଣ୍ଡର ପକାଉଥିବା ବ୍ୟକ୍ତି ଅମାନତ ବାବଦକୁ ନିମ୍ନରେ ଦର୍ଶାଇଥିବା ରାଶିକୁ ନିମ୍ନ ସ୍ୱାକ୍ଷରକାରୀଙ୍କ ନାମରେ ପୁରୀରେ ଉଠାଣ ହେବ ପାଇଁ ବ୍ୟାଙ୍କ ଡ୍ରାଫ୍ଟ ଟେଣ୍ଡର କାଗଜ ସହିତ ଦାଖଲ କରିବେ, ନଚେତ ତାଙ୍କର ଆବେଦନକୁ ଗ୍ରହଣ କରାଯିବ ନାହିଁ । ଯେଉଁମାନେ ଟେଣ୍ଡର ଗ୍ରହିତା ହୋଇପାରିବେ ନାହିଁ, ସେମାନେ ଜମା କରିଥିବା ଅମାନତ ରାଶିକୁ ଫେରସ୍ତ ଦିଆଯିବ । ଗୋଟିଏ ଟେଣ୍ଡର କାଗଜରେ ମାତ୍ର ଗୋଟିଏ ଟେଣ୍ଡର ହେବାକୁଥିବା ଜିନିଷ ପାଇଁ ଟେଣ୍ଡର ପକାଇପାରିବେ । ଜଣେ ଆବେଦନକାରୀ ଯଦି ଏକାଧିକ ଟେଣ୍ଡର ପକାଇବାକୁ ଇଚ୍ଛୁକ, ତେବେ ସେ ପୃଥକ ପୃଥକ ଟେଣ୍ଡର କାଗଜ କ୍ରୟ କରି ପୃଥକ ଭାବେ ଜଉମୁଦଦିଆ ଲଫାପାରେ ଟେଣ୍ଡର ଏବଂ ଲଫାପା ଉପରେ କେଉଁଥି ପାଇଁ ପକାଉଛନ୍ତି ତାହା ଉଲ୍ଲେଖ କରିବେ । ଆବେଦନକାରୀମାନେ ସେମାନଙ୍କର ସମ୍ପୂର୍ଣ୍ଣ ଠିକଣା ସହିତ ମୋବାଇଲ ନମ୍ବର ଦେବେ । ଧାର୍ଯ୍ୟ ସମୟ ମଧ୍ୟରେ ଗ୍ରହଣ ହୋଇଥିବା ଟେଣ୍ଡରଗୁଡିକୁ ତା ୧୫.୦୨.୨୦୨୦ ରିଖ ଅପରାହ୍ନ ୪ ଘଟିକା ସମୟେ ଆବେଦନକାରୀମାନଙ୍କର ଉପସ୍ଥିତିରେ ଖୋଲାଯିବ । ଯେଉଁମାନଙ୍କର ଟେଣ୍ଡର ରାଶି ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ରାଶି ଠାରୁ ଅଧିକ ଥିବ, କେବଳ ସେମାନଙ୍କର ଟେଣ୍ଡର ଫର୍ଦ୍ଦ ଗ୍ରହଣୀୟ ହୋଇ ବିଚାରକୁ ନିଆଯିବ । ସର୍ବାଧିକ ଟେଣ୍ଡର ରାଶି ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଟେଣ୍ଡର ଗ୍ରହଣ ହେବା ଦିନ ଅର୍ଥାତ ତା ୧୫.୦୨.୨୦୨୦ ରିଖ ଦିନ ଟେଣ୍ଡର ରାଶିକୁ ପଇଠ କରିବାକୁ ପଡିବ । ଟେଣ୍ଡର ରାଶି ସମାନ ହେଲେ

ଲଟେରୀ ମାଧ୍ୟମରେ ସ୍ଥିର କରାଯିବ । ଟେଣ୍ଡର ଗ୍ରହିତା ଏକ ଚୁକ୍ତି ପତ୍ର ସମ୍ପାଦନ କଲାପରେ ତାଙ୍କୁ ଟେଣ୍ଡର ଗ୍ରହିତା ଭାବେ ଗ୍ରହଣ କରାଯିବ ଏବଂ ଟେଣ୍ଡର ଗ୍ରହିତାଙ୍କ ସହିତ ଏକ ଚୁକ୍ତି ପତ୍ର କରାଯିବ ।

**ବି:ଦ୍ର:** ନିମ୍ନ ସ୍ୱାକ୍ଷରକାରୀ ଇଛା ପ୍ରକାଶ କଲେ, ବିନା କାରଣରେ ସମସ୍ତ ଟେଣ୍ଡର କାଗଜକୁ ରଦ୍ଦ କରିପାରିବେ ବା ଯେକୌଣସି ଟେଣ୍ଡରକୁ କାଏମ ରଖିପାରିବେ ବା ପୁନଃ ଟେଣ୍ଡର ପାଇଁ ଆଦେଶ ଦେଇପାରିବେ ।

| କ୍ରମିକ ସଂଖ୍ୟା | ଟେଣ୍ଡର ହେବାକୁ ଥିବା ସ୍ଥାନ/ଜିନିଷର ପ୍ରକାର | ଧାର୍ଯ୍ୟ ହୋଇଥିବା ସର୍ବ ସର୍ବନିମ୍ନ ରାଶି | ଅମାନତ |
|---|---|---|---|
| ୧ | ଦୀପ, ଧୂପ ଓ ଫୁଲ ଦୋକାନ | ଟ ୨,୪୦,୧୦୦ ଙ୍କା (ଦୁଇ ଲକ୍ଷ ଚାଳିଶ ହଜାର ଶହେ ଟଙ୍କା) ମାତ୍ର | ଟ ୨୪,୦୦୦ ଙ୍କା (ଚବିଶ ହଜାର ଟଙ୍କା) ମାତ୍ର |
| ୨ | ଜୋତା ଷ୍ଟାଣ୍ଡ | ଟ ୧,୪୧,୦୦୦ ଙ୍କା (ଏକ ଲକ୍ଷ ଏକ ଚାଳିଶ ହଜାର ଟଙ୍କା) ମାତ୍ର | ଟ ୧୪,୦୦୦ ଙ୍କା (ଚଉଦ ହଜାର ଟଙ୍କା) ମାତ୍ର |
| ୩ | ଜାଗର ପଡିଆ( ଚାରି ଚକିଆ, ତିନି ଚକିଆ, ଦୁଇ ଚକିଆ ଯାନ ପାର୍କିଂ ଓ ଅସ୍ଥାୟୀ ଦୋକାନ ଶିବରାତ୍ରି ସରନ୍ତି ସୋମବାର ଏବଂ ଶ୍ରାବଣ ମାସର ବୋଲବମ ଇତ୍ୟାଦି ) | ଟ ୬,୬୬,୬୬୬ ଙ୍କା (ଛ ଲକ୍ଷ ଛଅଷଠି ହଜାର ଛ ଶହ ଛଅଷଠି ଟଙ୍କା) ମାତ୍ର | ଟ ୬୭,୦୦୦ ଙ୍କା (ସତଷଠି ହଜାର ଟଙ୍କା) ମାତ୍ର |
| ୪ | ବଗାୟତ | ଟ ୨୦,୦୦୦ (କୋଡିଏ ହଜାର ଟଙ୍କା) ମାତ୍ର | ଟ ୨,୦୦୦ ଙ୍କା (ଦୁଇ ହଜାର ଟଙ୍କା) ମାତ୍ର |

ଉପ-ଜିଲ୍ଲାପାଳ-ତଥା-ମଧ୍ୟବର୍ତ୍ତୀକାଳୀନ ପରିଚାଳନାନ୍ୟାସୀ,
ଶ୍ରୀ ଶ୍ରୀ ଲୋକନାଥ ଦେବ ମନ୍ଦିର କାର୍ଯ୍ୟାଳୟ, ପୁରୀ